# Odisha Team Honoured at the 3rd National Conference on NeVA for Advancing Paperless Legislative Initiatives

The Odisha delegation was honoured at the 3rd National Conference on the National e-Vidhan Application (NeVA) held on 30th October 2025 in New Delhi, organized by the Ministry of Parliamentary Affairs, Government of India. The event attended by over 100 participants from various States and Union Territories to review the progress of NeVA, share best practices, and encourage nationwide adoption of paperless legislative systems.

During the conference, Shri Satyabrat Rout, Secretary, Odisha Legislative Assembly (OLA) presented the status and achievements of NeVA implementation in Odisha. He was accompanied by Shri Ashok Rout, NeVA Coordinator, NIC Odisha. The Odisha team received the Certificate of Honour from Dr. L. Murugan, Hon'ble Minister of State for Parliamentary Affairs and Information & Broadcasting, in the august presence of Shri Nikunja Bihari Dhal, Secretary, Ministry of Parliamentary Affairs.

Addressing the gathering, Shri Abhishek Singh, Additional Secretary, MeitY and Director General, NIC, emphasized the transformative role of emerging technologies, including Artificial Intelligence (AI), in strengthening legislative functioning. He highlighted how the NeVA platform can further enhance efficiency, streamline workflows, improve data accessibility, automate routine tasks, and promote transparency and responsiveness across legislative institutions.

The Government of Odisha and NIC Odisha remain committed to advancing digital governance and supporting the transition toward a fully paperless, technology-enabled legislative ecosystem under the NeVA initiative.

## News Clips

ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେସନ୍ ସମ୍ମିଳନୀ

### 'ନେଭା'ରେ ଉତ୍କୃଷ୍ଟ ବିକାଶ ପାଇଁ ଓଡ଼ିଶାକୁ ପ୍ରଶଂସା



ଭୁବନେଶ୍ୱର,୩୧।୧୦(ସମିସ): ଦେଶର ସମସ୍ତ ରାଜ୍ୟ ବିଧାନସଭାକୁ କିପରି ଡିଜିଟାଲାଇଜେସନ୍ କରାଯାଇପାରିବ ତାହା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସଂସଦ ଢାଞ୍ଚାରେ ବିଧାନସଭାଗୁଡ଼ିକୁ କାଗଜବିହୀନ କରିବା ସହ ଅନଲାଇନ୍ ମାଧ୍ୟମରେ ସମସ୍ତ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ନୂଆଦିଲ୍ଲୀର ସଂସଦ ଭବନରେ ଆୟୋଜିତ ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେସନ୍ ସମ୍ମିଳନୀରେ 'ନେଭା' ପ୍ରକଳ୍ପର କାର୍ଯ୍ୟକାରୀତା ବିଷୟରେ ମାନସନ୍ଥନ ହୋଇଛି। ୩୦ ଅକ୍ଟୋବରରେ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରଣାଳୟ ସହ ଦେଶର ସମସ୍ତ ବିଧାନସଭାର ସଚିବମାନେ ଯୋଗଦେଇ ଏ ବିଷୟରେ ବିଷଦ ଆଲୋଚନା କରିଛନ୍ତି।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ଦିନିକିଆ ଜାତୀୟ କର୍ମଶାଳାକୁ ଉଦଘାଟନ କରିବା ସହ ମନ୍ତ୍ରଣାଳୟର ସଚିବ ନିକୁଞ୍ଜ ବିହାରୀ ଧଳ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶ୍ରୀ ଧଳ ପ୍ରତି ରାଜ୍ୟର ପ୍ରଦର୍ଶନୀକୁ ବ୍ୟକ୍ତିଗତ ଭାବେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ 'ନେଭା' ପ୍ରକଳ୍ପରେ ଓଡ଼ିଶାର ସଫଳତା ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ। ଏହି ଜାତୀୟ ସମ୍ମିଳନୀରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏବଂ ଏନଆଇସି ଟିମ୍ ପକ୍ଷରୁ ୯ ମାସ ମଧ୍ୟରେ 'ନେଭା' ପ୍ରକଳ୍ପରେ ଉତ୍କୃଷ୍ଟ ବିକାଶ ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଛି।

ଉଦ୍‌ଯାପନୀ ବୈଠକରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡଃ ଏଲ୍ ମୁରୁଗାନ୍ ସମାବେଶକୁ ସମ୍ବୋଧିତ କରିବା ସହ ରାଜ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସତ୍ୟ ପ୍ରକାଶ ଏବଂ ଏନ୍‌ଆଇସି ଡିଜି ଅଭିଷେକ ସିଂ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ସୂଚନା ଥାଉ କି ବିଧାନସଭାର ସମଗ୍ର କାର୍ଯ୍ୟକୁ କାଗଜବିହୀନ କରିବା ଏବଂ ଏହାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ କରିବା 'ନେଭା'ର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହା ବିଧାନସଭାର ସମସ୍ତ ସୂଚନା ଜନସାଧାରଣଙ୍କୁ ଅନଲାଇନ୍‌ରେ ଉପଲବ୍ଧ କରାଇବାରେ ମଧ୍ୟ ବେଶ ସହାୟକ ହେଉଛି।

**The Sakala, Page – 5, 1st November, 2025**

ସମାଜ

# ୩ୟ ନେଭା ସମ୍ମିଳନୀରେ ଓଡ଼ିଶା ବିଧାନସଭାକୁ ପ୍ରଶଂସା



ନୂଆଦିଲ୍ଲୀ/ଭୁବନେଶ୍ୱର,୩୧ା୧୦(ନି.ପ୍ର): ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ଆନେକ୍ସ ବିଲ୍ଡିଂ ମୁଖ୍ୟ କମିଟି ଗୃହରେ ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେସନ୍ (ନେଭା) ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ରାଜ୍ୟ ବିଧାନସଭା ସଚିବ, ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ, ଇ ଆଇଟି ମନ୍ତ୍ରଣାଳୟ ଏବଂ ଏନଆଇସିର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଏହି ଏକଦିବସୀୟ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ପୂର୍ଣ୍ଣ ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସଚିବ ନିକୁଞ୍ଜ ବିହାରୀ ଧଳ ଅଧ୍ୟକ୍ଷତା କରିଥିଲେ। ସେ ପ୍ରତ୍ୟେକ ରାଜ୍ୟର ପ୍ରଦର୍ଶନକୁ ବ୍ୟକ୍ତିଗତ ଭାବେ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ସଚିବ ସତ୍ୟ ପ୍ରକାଶ ଏବଂ ଏନ୍‌ଆଇସି ଡିଜି ଅଭିଷେକ ସିଂ ଉପସ୍ଥିତ ଥିଲେ।

ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ ନେଭା ପ୍ରକଳ୍ପରେ ଓଡ଼ିଶାର ସଫଳତା ସମ୍ପର୍କରେ ଏକ ଉପସ୍ଥାପନା ରଖିଥିଲେ। ଉଲ୍ଲେଖନୀୟ ଯେ, ନୂଆ ସରକାର ଆସିବା ପରେ ୨୦୨୫ ଫେବୃଆରୀ ୧୨ ତାରିଖରେ ଓଡ଼ିଶା ବିଧାନସଭାରେ ବିଧିବଦ୍ଧ ଭାବେ ନେଭା ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ୨୦୨୦ ଫେବୃଆରୀରେ ପୂର୍ବ ସରକାର ସମୟରେ କେନ୍ଦ୍ର ସରକାରଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ୯ ମାସ ମଧ୍ୟରେ ନେଭା ପ୍ରକଳ୍ପରେ ଉଲ୍ଲେଖନୀୟ ବିକାଶ ପାଇଁ ମନ୍ତ୍ରଣାଳୟ ଏବଂ ଏନ୍‌ଆଇସି ଟିମ୍ ଜାତୀୟ ସମ୍ମିଳନୀରେ ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ଉଦ୍‌ଯାପନୀ ବୈଠକରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବା ସହ ରାଜ୍ୟଗୁଡ଼ିକୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ବିଧାନସଭାର ସମ୍ପୂର୍ଣ୍ଣ କାର୍ଯ୍ୟ କାଗଜମୁକ୍ତ କରିବା ହେଉଛି ନେଭାର ମୁଖ୍ୟ ଉଦ୍ଦେଶ୍ୟ। ଏହାଫଳରେ ବିଧାନସଭାର ସମସ୍ତ ସୂଚନା ସାଧାରଣ ଲୋକଙ୍କ ପାଖରେ ଅନଲାଇନରେ ପହଞ୍ଚିବ।

The Samaja,BHUBANESWAR Edition
Page No 4 November 01, 2025

**The Samaja, Page – 4, 1st November, 2025**

ସମ୍ବାଦ

# ବିଧାନସଭାରେ ନେଭା ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ସମ୍ମିଳନୀ



ଭୁବନେଶ୍ୱର, ୩୧/୧୦(ଇମିସ): ସବୁ ରାଜ୍ୟର ବିଧାନସଭାର ସଚିବମାନଙ୍କୁ ନେଇ ତୃତୀୟ ଜାତୀୟ ଇ-ବିଧାନ ଆପ୍ଲିକେସନ୍ ସମ୍ମିଳନୀ ସଂସଦ ଆନେକ୍ସ ପରିସରରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେଭା ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ସବୁ ବିଧାନସଭାର ସଚିବ ଓ ଏନ୍ଆଇସିର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରାଜୁ ଏହାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରଣାଳୟର ସଚିବ ନିକୁଞ୍ଜ ବିହାରୀ ଧଳ ସଭାରେ ଅଧ୍ୟକ୍ଷତା କରିବା ସହ ପ୍ରତିଟି ରାଜ୍ୟର ପ୍ରଦର୍ଶନକୁ ସମୀକ୍ଷା କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ସାହୁ ଯୋଗ ଦେଇ ନେଭା ପ୍ରକଳ୍ପକୁ କାର୍ଯ୍ୟକାରିତା କରିବାରେ ଓଡ଼ିଶା ବିଧାନସଭାର ପ୍ରଦର୍ଶନ ଉପରେ ଏକ ଉପସ୍ଥାପନା କରିଥିଲେ। ୨୦୨୫ ଫେବ୍ରୁଆରିରୁ କିପରି ଏହା ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି, ସେ ସମ୍ପର୍କରେ ଶ୍ରୀ ସାହୁ କହିଥିଲେ। ଓଡ଼ିଶାର ପ୍ରଦର୍ଶନକୁ ସଭାରେ ପ୍ରଶଂସା କରାଯାଇଥିଲା। ନେଭାର ମୁଖ୍ୟ ଲକ୍ଷ୍ୟ ହେଉଛି ପୂରା ବିଧାନସଭାକୁ କାଗଜବିହୀନ କରିବା ସହ ଏହାର ସମସ୍ତ ବିବରଣୀକୁ ଡିଜିଟାଲ୍ ଫର୍ମାଟ୍‌ରେ ଉପଲବ୍ଧ କରାଇବା। ଫଳରେ ସାଧାରଣ ଜନତା ଅନ୍‌ଲାଇନ୍ ମାଧ୍ୟମରେ ବିଧାନସଭାର ସମସ୍ତ ସୂଚନା ପାଇପାରିବେ।

BHUBANESWAR Edition
Page No.15 November 01, 2025

**Sambad, Page – 15, 1st November, 2025**